ପରିସୀମା ମାପିବା

ଏକ ଛୋଟିଆ ଜଙ୍ଗଲର ପାଦଦେଶରେ ନରହରିପୁର ଗାଁ । ଜଙ୍ଗଲ ନିକଟ ଗାଁମୁଣ୍ଡ ଗହିର ଭିତରେ ଦୁଇଟି ବଡ଼ ପୋଖରୀ ହୀରା ସାଗର ଓ ମୋତି ସାଗର । ଜଙ୍ଗଲ ବୁଦା ଭିତରେ ରହୁଥିଲେ ଗୋଟିଏ ଠେକୁଆ ଓ ଗୋଟିଏ କୋକିଶିଆଳ । ସେ ଦୁହେଁ ଭାରି ସାଙ୍ଗ । ପ୍ରତିଦିନ ସକାଳୁ ଠେକୁଆ ହୀରା ସାଗର ଓ କୋକିଶିଆଳ ମୋତି ସାଗର ହୁଡ଼ା ଚାରିପଟେ ଥରେ ଲେଖାଁଏ ବୁଲି ନିଜ ନିଜର ଖାଦ୍ୟ ସଂଗ୍ରହ କରନ୍ତି । ବେଳେବେଳେ ଏକାଠି ହୋଇ ଗପସପ କରନ୍ତି । ଦିନେ କୋକିଶିଆଳ ତା' ସାଙ୍ଗଙ୍କୁ କହିଲା 'ମୁଁ ପ୍ରତିଦିନ ତୁମ ଅପେକ୍ଷା ଅଧିକ ବାଟ ବୁଲୁଛି ।' ଠେକୁଆ କହିଲା- "ନା, ନା, ମୁଁ ତୁମ ଅପେକ୍ଷା ବେଶି ବାଟ ବୁଲୁଛି" । କଥା ଛିଣ୍ଡିଲା ନାହିଁ । ତେଣୁ ଠିକ୍ କଥା ଜାଣିବା ପାଇଁ ଦୁହେଁ ମିଶି ଚତୁର ବିଲୁଆନନା ପାଖକୁ ଗଲେ । ବିଲୁଆନନା ବଡ଼ ମାପଫିତାଟିଏ ଧରି କହିଲେ, "ଚାଲ, ଉଭୟ ପୋଖରୀର ହୁଡ଼ାର ଲମ୍ବ ବା ଦୈର୍ଘ୍ୟ ମାପିବା । ଚାରିପଟ ହୁଡ଼ାର ଦୈର୍ଘ୍ୟ ମିଶାଇ ଦେଲେ, ତୁମମାନଙ୍କ ଭିତରୁ କିଏ କେତେ ବାଟ ବୁଲୁଛ ଜଣାପଡ଼ିବ । କିଏ ଅଧିକ ବାଟ ବୁଲୁଛ ଜାଣିବା ।"

ଠେକୁଆ ଓ କୋକିଶିଆଳଙ୍କ ସହାୟତାରେ ପୋଖରୀ ଦୁଇଟିର ହୁଡ଼ାମାନଙ୍କ ଦୈର୍ଘ୍ୟ ମାପ କରି ବିଲୁଆନନା ପ୍ରତି ପୋଖରୀର ହୁଡ଼ାର ଦୈର୍ଘ୍ୟ ହିସାବ କରି ଦେଲେ ।

ହୀରାସାଗର ପୋଖରୀର ଚାରିପାଖ ହୁଡ଼ା ଦୈର୍ଘ୍ୟର ସମଷ୍ଟି = ୧୩୦ମି. + ୨୮୦ମି. + ୧୨୫ମି. + ୨୯୫ମି.

= ୮୩୦ମି.

ତେଣୁ ଠେକୁଆ ପ୍ରତିଦିନ ୮୩୦ମି. ବୁଲେ ବୋଲି ଜଣାପଡ଼ିଲା ।

ମୋତିସାଗର ଚାରିପାଖ ହୁଡ଼ାର ଦୈର୍ଘ୍ୟର ସମଷ୍ଟି = ୧୪୦ମି + ୨୭୫ମି.+ ୧୨୦ମି.+ ୨୬୦ମି.

= ୭୯୫ମି.

ତେଣୁ କୋକିଶିଆଳ ପ୍ରତିଦିନ ୭୯୫ମି. ବୁଲେ ବୋଲି ଜଣାପଡ଼ିଲା ।

ବିଲୁଆ ନନା ପଚାରିଲା, ''ଏଥର କୁହ, କିଏ ଅଧିକ ବାଟ ବୁଲେ ?''

ଆମେ ଜାଣିଲେ,

ରେଖାଖଣ୍ଡ ମାନଙ୍କ ଦ୍ୱାରା ଆବଦ୍ଧ ଚିତ୍ରର ବାହୁମାନଙ୍କର ଦୈର୍ଘ୍ୟର ସମଷ୍ଟିକୁ ଏହାର ପରିସୀମା କୁହାଯାଏ ।

ବଡ଼ବଡ଼ କ୍ଷେତ୍ରର ଲମ୍ବ, ଚଉଡ଼ା ମାପିବା ପାଇଁ ଆମେ ମିଟର ଏକକ ବ୍ୟବହାର କରୁ, କିନ୍ତୁ ଛୋଟ କ୍ଷେତ୍ରର ଲମ୍ବ ମାପିବା ବେଳେ, ଆମେ ସେଣ୍ଟିମିଟର ଏକକ ବ୍ୟବହାର କରୁ । ଯଦି ଦୈର୍ଘ୍ୟଗୁଡ଼ିକ ମିଟର ଏକକରେ ଦିଆଯାଇଥାଏ ତେବେ ପରିସୀମାକୁ ମଧ୍ୟ ମିଟର ଏକକରେ ପ୍ରକାଶ କରାଯିବ ।

ଭାବି କହ- ଯଦି ଗୋଟିଏ କ୍ଷେତ୍ରର ଦୁଇଟି ବାହୁ ମିଟର ଏକକରେ ଓ ଅନ୍ୟ ଦୁଇଟି ବାହୁ ସେଣ୍ଟିମିଟର ଏକକରେ ଥାଏ, ତେବେ ପରିସୀମା କେଉଁ ଏକକରେ ଲେଖାଯିବ ?

ତୁମ ପାଇଁ କାମ-

* ଗୋଟିଏ ପୋଷ୍ଟକାର୍ଡ଼ ସଂଗ୍ରହ କର ।
* ପୋଷ୍ଟକାର୍ଡ଼ର ଧାରମାନଙ୍କର ଦୈର୍ଘ୍ୟକୁ ସ୍କେଲ ଦ୍ୱାରା ମାପି ତୁମ ଖାତାରେ ଲେଖ ।
* ଏହାର ଧାରମାନଙ୍କର ଦୈର୍ଘ୍ୟର ସମଷ୍ଟି କେତେ ହେଲା ସ୍ଥିର କର ।
* ପୋଷ୍ଟକାର୍ଡ଼ର ପରିସୀମା କେତେ ପାଇଲ ଲେଖ ।

ତଳ ଚିତ୍ରଗୁଡ଼ିକର ବାହୁଗୁଡ଼ିକର ଦୈର୍ଘ୍ୟ ମାପି ନିମ୍ନ ସାରଣୀ ପୂରଣ କର । ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର ।

ଚିତ୍ର-୧

ଚିତ୍ର-୨



ଚିତ୍ର-୩

ଚିତ୍ର ନଂ. ୧.

କଖ = ... ସେ.ମି., ଖଗ = ...ସେ.ମି., ଗକ=......ସେ.ମି. ପରିସୀମା = ... ସେ.ମି.

ଚିତ୍ର ନଂ ୨. ଚଛ = ... ସେ.ମି, ଛଜ =....... ସେ.ମି., ଜଝ =..... ସେ.ମି., ଝଚ = ...ସେ.ମି.

ପରିସୀମା =....... ସେ.ମି.

ଚିତ୍ର ନଂ ୩.ଟଠ =.......ସେ.ମି, ଠଡ =.......ସେ.ମି., ଡଢ=......ସେ.ମି., ଢ଼ନ =....ସେ.ମି.,ନଟ=.....ସେ.ମି.

ପରିସୀମା =....... ସେ.ମି. .

ଆୟତଚିତ୍ର ଓ ବର୍ଗଚିତ୍ରର ପରିସୀମା

ପାର୍ଶ୍ୱରେ ଥିବା ଆୟତଚିତ୍ରର ଲମ୍ବ ଓ ଚଉଡ଼ାକୁ ମାପ ଓ ତଳେ ଲେଖ ।



କଖ = ..., ଖଗ = ...

ଗଘ = ..., ଘକ = ...

କଖ ଓ ଗଘ ଏବଂ ଖଗ ଓ ଘକର ଦୈର୍ଘ୍ୟର ପରିମାଣରେ କ'ଣ ସମ୍ପର୍କ ଥିବାର ଦେଖୁଛ ଲେଖ ।

ଲକ୍ଷ୍ୟ କର, କଖ ଓ ଗଘ ପ୍ରତ୍ୟେକ ହେଉଛି ଚଉଡ଼ା, ଖଗ ଓ କଘ ପ୍ରତ୍ୟେକ ହେଉଛି ଲମ୍ବ ।

ପରିସୀମା = ଲମ୍ବ + ଚଉଡ଼ା + ଲମ୍ବ + ଚଉଡ଼ା

= ଲମ୍ବ + ଲମ୍ବ + ଚଉଡ଼ା + ଚଉଡ଼ା

= ୨ଟି ଲମ୍ବ + ୨ଟି ଚଉଡ଼ା

= ୨ x (ଲମ୍ବ + ଚଉଡ଼ା)

ଏଣୁ ଆମେ ଜାଣିଲେ, **ଆୟତଚିତ୍ରର ପରିସୀମା = ୨ x (ଲମ୍ବ + ଚଉଡ଼ା)**

ଏହି ସୂତ୍ର ବ୍ୟବହାର କରି ଉପରିସ୍ଥ ଆୟତ ଚିତ୍ରର ପରିସୀମା ନିର୍ଣ୍ଣୟ କର ।

- ପାର୍ଶ୍ୱରେ ଥିବା ବର୍ଗଚିତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ମାପ ଓ ସେଗୁଡ଼ିକୁ ନିମ୍ନରେ ଲେଖ ।

ପଫ = ... ସେ.ମି.

ଫବ =........ ସେ.ମି.

ବଭ =........ ସେ.ମି.

ଭପ =......... ସେ.ମି.



ଏହାର ବାହୁମାନଙ୍କର ଦୈର୍ଘ୍ୟ ମଧ୍ୟରେ କ'ଣ ସମ୍ପର୍କ ଅଛି ?

ବର୍ଗଚିତ୍ର ପଫବଭ ର ପରିସୀମା =ପଫ + ଫବ + ବଭ + ଭପ

=......... ସେ.ମି. + ... ସେ.ମି. + ... ସେ.ମି.+........ସେ.ମି

=......... ସେ.ମି.

ବର୍ଗଚିତ୍ରର ପରିସୀମା ଓ ଏହାର ବାହୁର ଦୈର୍ଘ୍ୟ ମଧ୍ୟରେ କ'ଣ ସମ୍ପର୍କ ଥିବାର ଦେଖୁଛ ଲେଖ।

ଆମେ ଜାଣିଲେ, ଗୋଟିଏ ବର୍ଗଚିତ୍ରର ପରିସୀମା = ୪ x ଗୋଟିଏ ବାହୁର ଦୈର୍ଘ୍ୟ

ଅଭ୍ୟାସ କାର୍ଯ୍ୟ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ରେଖାଖଣ୍ଡମାନଙ୍କ ଦ୍ୱାରା ଆବଦ୍ଧ ଚିତ୍ରର ପରିସୀମା =.................... ଦୈର୍ଘ୍ୟର ସମଷ୍ଟି

(ଖ) ଏକ ଆୟତ ଚିତ୍ରର ପରିସୀମା = ୨ x (ଲମ୍ବ + ...)

(ଗ) ଏକ ବର୍ଗଚିତ୍ରର ପରିସୀମା = ... x ପ୍ରତ୍ୟେକ ବାହୁର ଦୈର୍ଘ୍ୟ

୨. ତଳେ କେତେକ ଚିତ୍ର ଦିଆଯାଇଛି । ପ୍ରତ୍ୟେକ ଚିତ୍ରର ବାହୁଗୁଡ଼ିକର ଦୈର୍ଘ୍ୟ ମାପ ଚିତ୍ର ପାଖରେ ଲେଖାଯାଇଛି । ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର ।







୩. ତଳ ଚିତ୍ରଗୁଡ଼ିକର ବାହୁମାନଙ୍କର ଦୈର୍ଘ୍ୟ ମାପି ପରିସୀମା ନିର୍ଣ୍ଣୟ କର ।







୪. ତୁମ ଜ୍ୟାମିତି ବାକ୍ସର ଚାରି ଧାରକୁ ମାପି ତା'ର ଉପର ପାଖର ପରିସୀମା ସ୍ଥିର କର।

୫. ତୁମ ଗଣିତ ବହିର ମଲାଟର ଚାରିଧାରକୁ ମାପ ଓ ପରିସୀମା ବାହାର କର।

୬. ନିମ୍ନରେ ଥିବା ଯେଉଁ ଚିତ୍ରର ପରିସୀମା ତୁମେ ନିର୍ଣ୍ଣୟ କରିପାରିବ ତା' ମଧ୍ୟରେ ଠିକ୍ ଚିହ୍ନ (✓) ଦିଅ।



୭. ତୁମ ଖାତା ଉପରେ ନିମ୍ନଲିଖିତ ବସ୍ତୁଗୁଡ଼ିକୁ ରଖ ଓ ତା'ର ତଳ ପାଖର ଚାରି ଧାରକୁ ଲଗାଇ ଗାର ଟାଣ। ଯେଉଁ ଚିତ୍ର ପାଇଲ ସେଗୁଡ଼ିକ କି ପ୍ରକାର ଚିତ୍ର ଲେଖ। ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର।

ଦିଆସିଲି ଖୋଳ, ପେନ୍‌ସିଲ୍ ବାକ୍ସ, ଲୁଡୁଗୋଟି, ଡଷ୍ଟର

୮. ଗୋଟିଏ ଆୟତାକୃତି କୋଠରିର ଚଟାଣର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୯ମିଟର ଓ ୫ ମିଟର। ଚଟାଣର ପରିସୀମା କେତେ ?

(କ) ଚଟାଣର ପରିସୀମା ବାହାର କରିବାର ସୂତ୍ର କ'ଣ ?

(ଖ) ପରିସୀମାକୁ କେଉଁ ଏକକରେ ପ୍ରକାଶ କରାଯିବ ?

୯. ତୁମ ସ୍କୁଲ ବଗିଚାର ବାହୁମାନଙ୍କର ଦୈର୍ଘ୍ୟ ୨୨ ମିଟର, ୧୩ମିଟର, ୨୦ ମିଟର ଓ ୧୨ ମିଟର। ଏହାର ପରିସୀମା ବାହାର କର ।

୧୦.

ଗୋଟିଏ ଦଶଟଙ୍କିଆ ନୋଟ୍ ନିଅ। ତା'ର ପରିସୀମା ନିର୍ଣ୍ଣୟ କର। ସେହିପରି ଗୋଟିଏ ଲେଖାଏଁ ଏକ ଟଙ୍କିଆ, ପାଞ୍ଚ ଟଙ୍କିଆ ଓ କୋଡ଼ିଏ ଟଙ୍କିଆ ନୋଟର ପରିସୀମା ବାହାର କର।

୧୧.

ଡାକ ଟିକେଟର ଚାରୋଟି ବାହୁ ମଧ୍ୟରୁ କେଉଁ ଦୁଇଟିର ଦୈର୍ଘ୍ୟ ମାପିଲେ ଏହାର ପରିସୀମା ନିର୍ଣ୍ଣୟ କରିପାରିବ ?

୧୨. ଏହି ଚିତ୍ରର ପରିସୀମା ନିର୍ଣ୍ଣୟ କର ।



୧୩. 

ଏହାର କେବଳ ଦୁଇଟି ବାହୁର ଦୈର୍ଘ୍ୟ ମାପି ପରିସୀମା ବାହାର କର ।